1960
ଅକ୍ଟୋବର 27

**ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ**

**ବନାମ**

**ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ**

**(ପ୍ରଧାନ ନ୍ୟାୟାଧୀଶ ବି. ପି. ସିହ୍ନା, ଜେ. ଏଲ. କପୁର୍, ପି. ବି. ଗଜେନ୍ଦ୍ରଗଡ଼କର୍, କେ. ସୁବ୍ବା ରାଓ ଏବଂ କେ. ଏନ୍. ୱାଞ୍ଚୁ, ନ୍ୟାୟମୂର୍ତ୍ତିବୃନ୍ଦ)**

*ନିର୍ବାଚନୀ ବିବାଦ - ଅଯୋଗ୍ୟତା - ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ସାବ୍ୟସ୍ତି - ନାମାଙ୍କନ ପତ୍ର ପ୍ରତ୍ୟାଖ୍ୟାନ - ସରକାରଙ୍କ ଦ୍ୱାରା ଦଣ୍ଡାଦେଶର ପରିହାର, ଯଦି ନ୍ୟାୟାଳୟଙ୍କ ଦ୍ୱାରା ହ୍ରାସ ଭାବରେ କାର୍ଯ୍ୟ କରିଥାଏ - ପ୍ରମାଣିତ ତଥ୍ୟଗୁଡ଼ିକରୁ ଦୁର୍ନୀତିଗ୍ରସ୍ତ ଅଭ୍ୟାସ ପାଇଁ ସମ୍ମତିର ଅନୁମାନ, ଯଦି ଏକ ତଥ୍ୟଗତ ଏବଂ ଆଇନଗତ ମିଶ୍ରିତ ପ୍ରଶ୍ନ ହୋଇଥାଏ - ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 (1951 ର 43), ଧାରା 7 (b), 100 (1) (b) - ଦଣ୍ଡ ପ୍ରକ୍ରିୟା ସଂହିତା (1898 ର ଅଧିନିୟମ 5), ଧାରା 401 ।*

ଆସାମ ବିଧାନସଭା ନିର୍ବାଚନ ପାଇଁ ଆବେଦନକାରୀଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ର ଧାରା 7 (b) ଅନୁଯାୟୀ ଥିବା ଅଯୋଗ୍ୟତାର ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯେଉଁଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ବିସ୍ଫୋରକ ପଦାର୍ଥ ଅଧିନିୟମ (1908 ର 6) ର ଧାରା 4 (b) ଅନୁଯାୟୀ ତାଙ୍କୁ ତିନି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା ଏବଂ ତାଙ୍କର ମୁକ୍ତି ପର ଠାରୁ ପାଞ୍ଚ ବର୍ଷର ଅବଧି ବିତି ନଥିଲା । ଉକ୍ତ ଅଯୋଗ୍ୟତାକୁ ହଟାଇବା ପାଇଁ ଆବେଦନକାରୀ ନିର୍ବାଚନ ଆୟୋଗଙ୍କ ନିକଟରେ ଆବେଦନ କରିଥିଲେ କିନ୍ତୁ ସେ ତାହା କରିବାକୁ ମନା କରିଦେଇଥିଲେ । ତେବେ, ଆସାମ ସରକାର, ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ, ଆବେଦନକାରୀଙ୍କ ଦଣ୍ଡାଦେଶକୁ ପରିହାର କରିଥିଲେ ଏବଂ ଯେଉଁ ଅବଧି ପାଇଁ ସେ ପ୍ରକୃତରେ କାରାଗାରରେ ଥିଲେ ତାହା ଦୁଇ ବର୍ଷରୁ କମ୍ ଅବଧିର ଥିଲା । ନିର୍ବାଚନ ନ୍ୟାୟାଧିକରଣ ବିଚାର କରିଥିଲେ ଯେ ନାମାଙ୍କନ ପତ୍ରକୁ ଅନୁଚିତ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ନିର୍ବାଚନକୁ ବାତିଲ କରିଦେଇଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ ଏକ ବିପରୀତ ଦୃଷ୍ଟିକୋଣ ନେଇ ନିର୍ବାଚନୀ ଯାଚିକାକୁ ବାତିଲ କରିଦେଇଥିଲେ ।

ଏହା ବିଚାର କରାଯାଇଥିଲା ଯେ, ଲୋକ ପ୍ରତିନିଧିତ୍ୱ ଅଧିନିୟମର ଧାରା 7 (b) ଅନୁଯାୟୀ ଆବେଦନକାରୀଙ୍କୁ ଅଯୋଗ୍ୟ ଘୋଷଣା କରି ରାୟ ଦେବାରେ ଉଚ୍ଚ ନ୍ୟାୟାଳୟ ଠିକ୍

*1960*

*ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ ବନାମ ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ୱାଞ୍ଚୁ*

ଥିଲେ ଏବଂ ତାଙ୍କ ନାମାଙ୍କନ ପତ୍ର ଯଥାର୍ଥ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ସେହି ଧାରାଟି ଏକ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ସାବ୍ୟସ୍ତି ଏବଂ ଦଣ୍ଡାଦେଶ ବିଷୟରେ କୁହେ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ ଦଣ୍ଡାଦେଶ ପରିହାର କରିବାର ଏକ ଆଦେଶ, ଯାହାକି ଏକ ସମ୍ପୂର୍ଣ୍ଣ କ୍ଷମା ମଞ୍ଜୁରୀର ବିପରୀତ ଅଟେ, ଦୋଷ ସାବ୍ୟସ୍ତି କିମ୍ବା ଦଣ୍ଡାଦେଶକୁ ବିଲୋପ କରିପାରିବ ନାହିଁ । ଏପରି ଆଦେଶ ହେଉଛି ଏକ କାର୍ଯ୍ୟନିର୍ବାହୀ ଆଦେଶ ଯାହା କେବଳ ଦଣ୍ଡାଦେଶର କାର୍ଯ୍ୟକାରିତାକୁ ପ୍ରଭାବିତ କରିଥାଏ ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶକୁ ହ୍ରାସ କରି ଆବେଦନ କିମ୍ବା ପୁନରୀକ୍ଷଣରେ ନ୍ୟାୟାଳୟଙ୍କ ଏକ ଆଦେଶ ଭଳି ସମାନ ଆଧାରରେ ଏହା ରହିନଥାଏ ।

*ଭେଙ୍କଟେଶ ଯଶୱନ୍ତ ଦେଶପାଣ୍ଡେ ବନାମ ସମ୍ରାଟ,* A.I.R. 1938 ନାଗପୁର 513, ପ୍ରଭେଦନୀୟ ।

*ଗଣ୍ଡା ସିଂହ ବନାମ ସମ୍ପୁରନ୍ ସିଂହ,* (1953) 3 E.L.R. 17, ଅଗ୍ରାହ୍ୟ ହୋଇଥିଲା ।

ଆହୁରି ମଧ୍ୟ ବିଚାର କରାଯାଇଥିଲା ଯେ, ଜଣେ ସଫଳ ପ୍ରାର୍ଥୀ ଅଧିନିୟମର ଧାରା 100 (1) (b) ଅନୁଯାୟୀ ଭ୍ରଷ୍ଟାଚାର ପାଇଁ ସହମତ ପକ୍ଷ କି ନାହିଁ ତାହା ନେଇ ଏକ ଅନୁମାନ, ପ୍ରମାଣରୁ ମିଳିଥିବା ତଥ୍ୟରୁ ଏକ ତଥ୍ୟଗତ ପ୍ରଶ୍ନ ଥିଲା ଏବଂ ତଥ୍ୟ ଏବଂ ଆଇନର ଏକ ମିଶ୍ରିତ ପ୍ରଶ୍ନ ନଥିଲା ।

*ମୀନାକ୍ଷୀ ମିଲ୍ସ, ମଦୁରାଇ ବନାମ ଆୟକର ଆୟୁକ୍ତ, ମାଡ୍ରାସ,* [1956] S.C.R. 691, ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 375/1959 ।

ପ୍ରଥମ ଆବେଦନ ସଂଖ୍ୟା 11/1958 ରେ ଆସାମ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 1958 ମସିହା ଅଗଷ୍ଟ 12 ତାରିଖରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀ ସଂଖ୍ୟା 1 ରୁ 3 ଙ୍କ ତରଫରୁ ଏଲ୍. କେ. ଝା ଏବଂ ସୁକୁମାର ଘୋଷ ।

ଉତ୍ତରଦାତାଙ୍କ ସଂଖ୍ୟା 1 ଏବଂ 2 ଙ୍କ ତରଫରୁ ଜି. ଏସ୍. ପାଠକ ଏବଂ ନୌନୀତ ଲାଲ୍ ।

1960. ଅକ୍ଟୋବର 27. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ୱାଞ୍ଚୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

ଏକ ନିର୍ବାଚନୀ ମାମଲାରେ ଆସାମ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରମାଣ ପତ୍ର ଆଧାରରେ ଏହା ଏକ ଆବେଦନ । ଆସାମ ବିଧାନସଭା ପାଇଁ ଗୋଲପାଡ଼ାର ଦୁଇ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । 1957 ମସିହା ଜାନୁଆରୀ 19 ତାରିଖରେ ଅନିରାମ ବାସୁମତାରୀ (ଏହା ପରେ ଆବେଦନକାରୀ ଭାବେ ସୂଚିତ ହୋଇଛି) ଙ୍କ ସମେତ ଅନେକ ବ୍ୟକ୍ତିଙ୍କ ଦ୍ୱାରା ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା । ସେ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଆସନ ପାଇଁ ପ୍ରାର୍ଥୀ ଥିଲେ । ଆବେଦନକାରୀଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ର ସଂଖ୍ୟା XLIII (ଏହା ପରେ ଅଧିନିୟମ ଭାବେ ସୂଚିତ ହୋଇଛି) ର ଧାରା 7 (b) ଅନୁଯାୟୀ ସେ ଅଯୋଗ୍ୟ ଘୋଷିତ ହୋଇଥିଲେ । 1957 ମସିହା ଫେବୃଆରୀ 25 ତାରିଖରେ ମତଦାନ ହୋଇଥିଲା ଏବଂ ଖଗେନ୍ଦ୍ରନାଥ ଏବଂ ହାକିମ ଚନ୍ଦ୍ର ରାଭା ନିର୍ବାଚିତ ହୋଇଥିଲେ, ଯାହାଙ୍କ ମଧ୍ୟରୁ ଶେଷୋକ୍ତ ଜଣକ ଏକ ଅନୁସୂଚିତ ଜନଜାତିର ସଦସ୍ୟ ଥିଲେ । ଏହା ପରେ ଜଣେ ଭୋଟର ଦୁଇ ସଫଳ ପ୍ରାର୍ଥୀଙ୍କ ନିର୍ବାଚନକୁ ବିଭିନ୍ନ କାରଣ ଦର୍ଶାଇ ଆପତ୍ତି କରି ଏକ ନିର୍ବାଚନୀ ଯାଚିକା ଦାୟର କରିଥିଲେ । ତେବେ, ଏହି କାରଣଗୁଡ଼ିକ ମଧ୍ୟରୁ କେବଳ ଦୁଇଟି ଏବେ ଗୁରୁତ୍ୱପୂର୍ଣ୍ଣ ଅଟେ, ଯଥା, (1) ଆବେଦନକାରୀଙ୍କ ନାମାଙ୍କନ ପତ୍ର ଭୁଲ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଏବଂ (2) ସଫଳ ପ୍ରାର୍ଥୀମାନଙ୍କ ଦ୍ୱାରା ଏକ ଭ୍ରଷ୍ଟାଚାର କରାଯାଇଥିଲା, କାରଣ ଭୋଟରମାନଙ୍କୁ ଯାନ୍ତ୍ରିକ ଗାଡ଼ିରେ ମତଦାନ କେନ୍ଦ୍ରକୁ ନିଆଯାଇଥିଲା । ନିର୍ବାଚନ ନ୍ୟାୟାଧିକରଣ ପ୍ରଥମ ପ୍ରସଙ୍ଗରେ ବିଚାର କରିଥିଲେ ଯେ ଆବେଦନକାରୀଙ୍କ ନାମାଙ୍କନ ପତ୍ର ଅନୁଚିତ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଦ୍ୱିତୀୟ ପ୍ରସଙ୍ଗରେ ଏହା ବିଚାର କରିଥିଲେ ଯେ ଆରୋପିତ ଭ୍ରଷ୍ଟାଚାର ପ୍ରମାଣିତ ହୋଇନଥିଲା । ଫଳସ୍ୱରୂପ, ନିର୍ବାଚନକୁ ରଦ୍ଦ କରାଯାଇଥିଲା । ଏହା ପରେ, ଦୁଇ ସଫଳ ପ୍ରାର୍ଥୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ ଆବେଦନକାରୀଙ୍କ ନାମାଙ୍କନ ପତ୍ର ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା; ଆହୁରି ମଧ୍ୟ, ଭ୍ରଷ୍ଟାଚାରର ପ୍ରଶ୍ନ ଉପରେ, ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କ ନିଷ୍କର୍ଷ ସହିତ ସହମତ ହୋଇଥିଲେ । ଫଳସ୍ୱରୂପ, ଆବେଦନଟିକୁ ଅନୁମତି ଦିଆଯାଇଥିଲା ଏବଂ ନିର୍ବାଚନୀ ଯାଚିକାଟିକୁ ଖାରଜ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ପରେ ଏହି ନ୍ୟାୟାଳୟରେ ଆବେଦନ କରିବା ନିମନ୍ତେ ଏକ ପ୍ରମାଣ ପତ୍ର ପାଇଁ ଉଚ୍ଚ ନ୍ୟାୟାଳୟରେ ଏକ

*1960*

*ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ*

*ବନାମ*

*ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ୱାଞ୍ଚୁ*

ଆବେଦନ କରାଯାଇଥିଲା ଯାହା ମଞ୍ଜୁର କରାଯାଇଥିଲା; ଏବଂ ଏହିପରି ଭାବେ ଏହି ମାମଲାଟି ଆମ୍ଭ ସମ୍ମୁଖକୁ ଆସିଅଛି ।

ଆବେଦନକାରୀଙ୍କ ତରଫରୁ ମୁଖ୍ୟ ଯୁକ୍ତି ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଏହି ନିଷ୍କର୍ଷରେ ପହଞ୍ଚିବାରେ ତ୍ରୁଟି କରିଥିଲେ ଯେ ଆବେଦନକାରୀଙ୍କ ନାମାଙ୍କନ ପତ୍ର ଅଧିନିୟମର ଧାରା 7 (b) ଅନୁଯାୟୀ ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ସେହି ବ୍ୟବସ୍ଥାରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି କୌଣସି ଅପରାଧରେ ଭାରତର କୌଣସି ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଅନ୍ତି ଏବଂ ଅତି କମରେ ଦୁଇ ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ ହୁଅନ୍ତି, ତେବେ ସେ ସଂସଦର କୌଣସି ଗୃହର କିମ୍ବା କୌଣସି ରାଜ୍ୟର ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ଭାବରେ ମନୋନୀତ ହେବା ପାଇଁ ସେପର୍ଯ୍ୟନ୍ତ ଅଯୋଗ୍ୟ ବିବେଚିତ ହେବେ ଯେପର୍ଯ୍ୟନ୍ତ ତାଙ୍କର ମୁକ୍ତି ପରଠାରୁ ପାଞ୍ଚ ବର୍ଷର ଅବଧି ବିତି ନଥିବ କିମ୍ବା କୌଣସି ନିର୍ଦ୍ଦିଷ୍ଟ ମାମଲାରେ ନିର୍ବାଚନ ଆୟୋଗଙ୍କ ଅନୁମତି ଦ୍ୱାରା ଦିଆଯାଇଥିବା କମ୍ ଅବଧି ବିତି ନଥିବ । ଏହି ମାମଲାରେ ଆବେଦନକାରୀଙ୍କୁ ବିସ୍ଫୋରକ ପଦାର୍ଥ ଅଧିନିୟମ, 1908 ର ସଂଖ୍ୟା VI ର ଧାରା 4 (b) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ 1953 ମସିହା ଜୁଲାଇ 10 ତାରିଖରେ ତାଙ୍କୁ ତିନି ବର୍ଷ ପାଇଁ "ସଶ୍ରମ କାରାଦଣ୍ଡ" ରେ ଦଣ୍ଡିତ କରାଯାଇଥିଲା । ଏହି ମାମଲାରେ ନାମାଙ୍କନ ପତ୍ର 1957 ମସିହା ଜାନୁଆରୀ ମାସରେ ଦାଖଲ କରାଯାଇଥିଲା ଏବଂ 1957 ମସିହା ଫେବୃଆରୀ ମାସରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ତେଣୁ ତାଙ୍କ ମୁକ୍ତି ପରଠାରୁ ପାଞ୍ଚ ବର୍ଷ ବିତି ନଥିଲା । କିନ୍ତୁ ଯଦିଓ ଆବେଦନକାରୀଙ୍କୁ ତିନି ବର୍ଷର ସଶ୍ରମ କାରାଦଣ୍ଡ ଦିଆଯାଇଥିଲା, 1954 ମସିହା ନଭେମ୍ବର 8 ତାରିଖରେ ତାଙ୍କ ଦଣ୍ଡକୁ ଆସାମ ସରକାରଙ୍କ ଦ୍ୱାରା ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ ପରିହାର କରାଯାଇଥିଲା ଏବଂ 1954 ମସିହା ନଭେମ୍ବର 14 ତାରିଖରେ ତାଙ୍କୁ ମୁକ୍ତ କରାଯାଇଥିଲା । ନିର୍ବାଚନ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଯୁକ୍ତି ଏହା ଥିଲା ଯେ ଏହି ପରିହାର ଦୃଷ୍ଟିରୁ ତାଙ୍କ ଦଣ୍ଡାଦେଶକୁ ଦୁଇ ବର୍ଷରୁ କମ୍ ସମୟକୁ ହ୍ରାସ କରାଯାଇଥିଲା ଏବଂ ତେଣୁ ଧାରା 7 (b) ର ଅର୍ଥ ମଧ୍ୟରେ ସେ ଅଯୋଗ୍ୟ ଘୋଷିତ ହୋଇଥିଲେ ବୋଲି କୁହାଯାଇପାରିବ ନାହିଁ । ଏହି ଯୁକ୍ତି ନ୍ୟାୟାଧିକରଣଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ ଏହା ବିଚାର କରିଥିଲେ ଯେ ଆବେଦନକାରୀଙ୍କ ନାମାଙ୍କନ ପତ୍ର ଅନୁଚିତ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଯେତେବେଳେ ସଫଳ ପ୍ରାର୍ଥୀମାନଙ୍କ ତରଫରୁ ଉଚ୍ଚ ନ୍ୟାୟାଳୟରେ ଏହି ମାମଲାରେ ଯୁକ୍ତି ହେବାକୁ ଲାଗିଲା, ଆବେଦନକାରୀଙ୍କ ନାମାଙ୍କନ ପତ୍ର ସଠିକ୍ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା ବୋଲି ହୋଇଥିବା ପ୍ରାର୍ଥନାର ସମର୍ଥନରେ ଦୁଇଟି ଯୁକ୍ତି ଉପସ୍ଥାପନ

କରାଯାଇଥିଲା । ପ୍ରଥମତଃ, ଏହା ଅନୁରୋଧ କରାଯାଇଥିଲା ଯେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ସହିତ ପାଠ କରାଯାଇଥିବା ସମ୍ବିଧାନର ଅନୁଚ୍ଛେଦ 72, 73, 161 ଏବଂ 162 ର ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖିଲେ, ରାଜ୍ୟ ସରକାରଙ୍କ ପାଖରେ ଆବେଦନକାରୀଙ୍କ ଦଣ୍ଡାଦେଶକୁ ପରିହାର କରିବାର କୌଣସି ପ୍ରାଧିକାରିତା ନଥିଲା; ଏବଂ ଦ୍ୱିତୀୟତଃ, ଯଦିଓ ଏହି ପରିହାର ସଠିକ୍ ଭାବରେ ମଞ୍ଜୁର କରାଯାଇଥିଲା, ଏହା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ପ୍ରଭାବିତ କରିବ ନାହିଁ, ଯଦିଓ ପରିହାର ଆଦେଶ ତାରିଖ ପରେ ଆବେଦନକାରୀଙ୍କୁ ଦଣ୍ଡାଦେଶର କିଛି ଅଂଶ ଭୋଗିବାକୁ ପଡ଼ି ନପାରେ । ଏହି ମାମଲାରେ ପରିହାର ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା ବିଷୟରେ ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତି କରିନଥିଲେ ଯେହେତୁ ଏହା ସମ୍ମୁଖରେ ସମ୍ପୂର୍ଣ୍ଣ ତଥ୍ୟ ନଥିଲା କାରଣ ଏହି ବିଷୟଟି ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉଠାଯାଇ ନଥିଲା, ଯଦିଓ ଏହା ରାଜ୍ୟ ସରକାରଙ୍କ ପାଖରେ ଏପରି କ୍ଷମତା ନଥାଇପାରେ ବୋଲି ମତ ରଖିଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ମତରେ, ଦଣ୍ଡର ପରିହାର ଏକ ମୁକ୍ତ କ୍ଷମା ଭଳି ସମାନ ପ୍ରଭାବ ପକାଇ ନଥିଲା ଏବଂ ଆବେଦନକାରୀଙ୍କୁ ଦିଆଯାଇଥିବା ଦଣ୍ଡକୁ ତିନି ବର୍ଷରୁ ଦୁଇ ବର୍ଷରୁ କମକୁ ହ୍ରାସ କରିବାର ପ୍ରଭାବ ନଥିଲା, ଯଦିଓ ଆବେଦନକାରୀ ପରିହାର ଆଦେଶ ହେତୁ ଦୁଇ ବର୍ଷରୁ କମ୍ ଅବଧି ପାଇଁ କାରାଗାରରେ ରହିଥାଇପାରନ୍ତି ।

ଧାରା 7 (b) ଏହା କହିଥାଏ ଯେ ଯେକୌଣସି ଅପରାଧ ପାଇଁ ଭାରତରେ ଥିବା ଏକ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ସାବ୍ୟସ୍ତ ହେବା ଆବଶ୍ୟକ ଏବଂ ଅତି କମରେ ଦୁଇ ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ ହେବା ଆବଶ୍ୟକ ଯାହା ଦ୍ୱାରା ଜଣେ ବ୍ୟକ୍ତି ସଂସଦର କୌଣସି ଗୃହର କିମ୍ବା କୌଣସି ରାଜ୍ୟର ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ଭାବରେ ମନୋନୀତ ହେବା ପାଇଁ ଅଯୋଗ୍ୟ ବିବେଚିତ ହୋଇପାରନ୍ତି । ତେଣୁ, ଏହି ବ୍ୟବସ୍ଥା ଆବେଦନକାରୀଙ୍କ ମାମଲାରେ ଲାଗୁ ହୋଇଥାଏ କାରଣ ସେ ଭାରତର ଏକ ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଦୁଇ ବର୍ଷରୁ ଅଧିକ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ଆହୁରି ମଧ୍ୟ, ତାଙ୍କର ମୁକ୍ତି ପରଠାରୁ ପାଞ୍ଚ ବର୍ଷର ଅବଧି ସମାପ୍ତ ହୋଇନଥିଲା । ଅଯୋଗ୍ୟତାକୁ ହଟାଇବା ପାଇଁ ଆବେଦନକାରୀ ନିର୍ବାଚନ ଆୟୋଗଙ୍କ ନିକଟରେ ଆବେଦନ କରିଥିଲେ କିନ୍ତୁ ସେ ତାହା କରିବାକୁ ମନା କରିଦେଇଥିଲେ । ତେଣୁ ଯେଉଁ ମୁଖ୍ୟ ପ୍ରଶ୍ନର ବିଚାର କରାଯିବ ତାହା ହେଉଛି ଅପିଲୀୟ କିମ୍ବା ପୁନରୀକ୍ଷଣ ଫୌଜଦାରୀ ନ୍ୟାୟାଳୟଙ୍କ ଏକ ଆଦେଶ ଯେପରି ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶକୁ ଅପିଲୀୟ କିମ୍ବା ପୁନରୀକ୍ଷଣ ନ୍ୟାୟାଳୟଙ୍କ ଆଦେଶରେ ସୂଚିତ ପରିମାଣ ଯାଏ ହ୍ରାସ

*1960*
*ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ ବନାମ ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ*
*ନ୍ୟାୟମୂର୍ତ୍ତି ୱାଞ୍ଚୁ*

କରିବାର ପ୍ରଭାବ ପକାଇଥାଏ, ଏକ ପରିହାର ଆଦେଶ ଦଣ୍ଡାଦେଶକୁ ହ୍ରାସ କରିବାର ସେହିପରି ସମାନ ପ୍ରଭାବ ପକାଇଥାଏ କି ନାହିଁ।

ବର୍ତ୍ତମାନ ଏହା ବିବାଦୀୟ ନୁହେଁ ଯେ ଇଂଲଣ୍ଡ ଏବଂ ଭାରତରେ କ୍ଷମା କିମ୍ବା ଯାହାକୁ ବେଳେବେଳେ ମୁକ୍ତ କ୍ଷମା କୁହାଯାଏ ତାହାର ପ୍ରଭାବ ହେଉଛି ବ୍ୟକ୍ତିଙ୍କୁ ସମସ୍ତ ବଦନାମରୁ ଏବଂ ଯେଉଁ ଅପରାଧ ପାଇଁ ଏହା ମଞ୍ଜୁର ହୋଇଛି ତାହାର ସମସ୍ତ ପରିଣାମରୁ ଏବଂ ଦୋଷୀ ସାବ୍ୟସ୍ତ ହେବା ପରେ ସମସ୍ତ ବୈଧାନିକ କିମ୍ବା ଅନ୍ୟାନ୍ୟ ଅଯୋଗ୍ୟତାରୁ ମୁକ୍ତ କରିବା। ଏହା ତାଙ୍କୁ ଯେପରି ଏକ ନୂଆ ବ୍ୟକ୍ତି ଭାବେ ପରିବର୍ତ୍ତିତ କରିଦେଇଥାଏ। (ଇଂଲଣ୍ଡର ହାଲ୍ସବରୀ ନିୟମାବଳୀ, ଗ୍ରନ୍ଥଖଣ୍ଡ 7, ତୃତୀୟ ସଂସ୍କରଣ, ପୃଷ୍ଠା ସଂଖ୍ୟା 244, ଅନୁଚ୍ଛେଦ 529 ଦେଖନ୍ତୁ )। କିନ୍ତୁ କେବଳ ଏକ ପରିହାର ଉପରେ ଏହି ସମାନ ପ୍ରଭାବ ପଡ଼ିପାରିବ ନାହିଁ ଯାହା ସମ୍ପୂର୍ଣ୍ଣ ଭାବେ ଏକ ଭିନ୍ନ ଆଧାରରେ ରହିଥାଏ। ପ୍ରଥମତଃ, ଏକ ପରିହାର ଆଦେଶ ଅପରାଧକୁ ବିଲୋପ କରେ ନାହିଁ; ଏହା ଦୋଷ ସାବ୍ୟସ୍ତିକୁ ମଧ୍ୟ ବିଲୋପ କରେ ନାହିଁ। ଏହା କେବଳ ଦଣ୍ଡାଦେଶର କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଇଥାଏ; ଯଦିଓ ସାଧାରଣତଃ ଜଣେ ଦୋଷୀ ବ୍ୟକ୍ତିଙ୍କୁ ନ୍ୟାୟାଳୟଙ୍କ ଦ୍ୱାରା ଲାଗୁ କରାଯାଇଥିବା ସମ୍ପୂର୍ଣ୍ଣ ଦଣ୍ଡ ଭୋଗିବାକୁ ପଡ଼ିଥାଏ, ଦଣ୍ଡାଦେଶର ସେହି ଅଂଶ ସମ୍ବନ୍ଧରେ ସେ ଏପରି କରିବାର ଆବଶ୍ୟକତା ନାହିଁ ଯାହା ପରିହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ତେଣୁ ଏକ ପରିହାର ଆଦେଶ କୌଣସି ପ୍ରକାରେ ନ୍ୟାୟାଳୟଙ୍କ ଆଦେଶରେ ହସ୍ତକ୍ଷେପ କରେ ନାହିଁ; ଏହା କେବଳ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶର କାର୍ଯ୍ୟକାରିତାକୁ ପ୍ରଭାବିତ କରେ ଏବଂ ଦୋଷୀ ବ୍ୟକ୍ତିଙ୍କୁ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସମ୍ପୂର୍ଣ୍ଣ କାରାବାସ ଭୋଗିବା ପାଇଁ ଥିବା ତାଙ୍କ ଦାୟିତ୍ୱରୁ ମୁକ୍ତ କରେ, ଯଦିଓ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦୋଷ ସାବ୍ୟସ୍ତି ଏବଂ ଦଣ୍ଡାଦେଶର ଆଦେଶ ସେହିପରି ରହିବ ଯେପରି ଆଗରୁ ଥିଲା। ପରିହାର ଆଦେଶ ମଞ୍ଜୁର କରିବାର କ୍ଷମତା ହେଉଛି କାର୍ଯ୍ୟନିର୍ବାହୀ କ୍ଷମତା ଏବଂ ଏହାର ପ୍ରଭାବ ସେପରି ରହିପାରିବ ନାହିଁ ଯେପରି ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶକୁ ଅପିଲୀୟ କିମ୍ବା ପୁନରୀକ୍ଷଣ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ହ୍ରାସ କରିବା ଏବଂ ଏହା ବଦଳରେ ଅପିଲୀୟ କିମ୍ବା ପୁନରୀକ୍ଷଣ ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରି ହ୍ରାସ କରାଯାଇଥିବା ଦଣ୍ଡାଦେଶ ଦିଆଯିବାର ପ୍ରଭାବ ରହିଥାଏ। ଦଣ୍ଡବିଧାନ କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ ତୁଳନାରେ ବିରାମ ଏବଂ କ୍ଷମାର ପ୍ରଭାବ ଭିତରେ ଥିବା ଏହି ପାର୍ଥକ୍ୟ ୱେଟରଙ୍କ "ସାମ୍ବିଧାନିକ ଆଇନ" ରୁ ନିମ୍ନୋକ୍ତ ଅନୁଚ୍ଛେଦରେ ଭଲ ଭାବରେ ଉପସ୍ଥାପିତ ହୋଇଛି, ଯାହା ପୃଷ୍ଠା ସଂଖ୍ୟା 176, ଅନୁଚ୍ଛେଦ 134 ରେ ରହିଛି:-

"ଏକ ବିରାମ ହେଉଛି ଆଇନ ଦ୍ୱାରା ନିର୍ଦ୍ଧାରିତ ଦଣ୍ଡବିଧାନର ଅସ୍ଥାୟୀ ନିଲମ୍ବନ । କ୍ଷମା ହେଉଛି ଏପରି ଦଣ୍ଡବିଧାନର ପରିହାର । ଉଭୟ ହେଉଛି କାର୍ଯ୍ୟନିର୍ବାହୀ କାର୍ଯ୍ୟର ପ୍ରୟୋଗ ଏବଂ ଦଣ୍ଡାଦେଶଗୁଡ଼ିକ ଉପରେ ଥିବା ନ୍ୟାୟିକ କ୍ଷମତାର ପ୍ରୟୋଗରୁ ଏହା ପୃଥକ ହେବା ଉଚିତ୍ । 'ଦଣ୍ଡାଦେଶଗୁଡ଼ିକ ଉପରେ ଥିବା ନ୍ୟାୟିକ କ୍ଷମତା ଏବଂ କାର୍ଯ୍ୟନିର୍ବାହୀ କ୍ଷମତା ସହଜରେ ପୃଥକ କରାଯାଇପାରିବ' ବୋଲି ନ୍ୟାୟମୂର୍ତ୍ତି ସଦରଲାଣ୍ଡ କହିଛନ୍ତି । 'ରାୟ ଦେବା ଏକ ନ୍ୟାୟିକ କାର୍ଯ୍ୟ । ଏହି ରାୟକୁ କାର୍ଯ୍ୟକାରୀ କରିବା ଏକ କାର୍ଯ୍ୟନିର୍ବାହୀ କାର୍ଯ୍ୟ । କ୍ଷମାଶୀଳତା ଆଚରଣ କରି ଏକ ଦଣ୍ଡାଦେଶକୁ କମାଇ ଛୋଟ କରିବା ହେଉଛି କାର୍ଯ୍ୟନିର୍ବାହୀ କ୍ଷମତାର ଏକ ପ୍ରୟୋଗ ଯାହା ରାୟର କାର୍ଯ୍ୟକାରିତାକୁ ହ୍ରାସ କରିବା ସତ୍ତ୍ୱେ ଏହା ରାୟର ମୂଳ ରୂପକୁ ପରିବର୍ତ୍ତନ କରେ ନାହିଁ'" ।

ଏହି କାରଣରୁ ଯଦିଓ ଏକ ପରିହାର ଆଦେଶର ପ୍ରଭାବ କାରାଗାର ଦଣ୍ଡାଦେଶର ସେହି ଅଂଶକୁ ବିଲୋପ କରିଥାଏ ଯାହା ଭୋଗ କରାଯାଇନଥାଏ ଏବଂ ତେଣୁ କାର୍ଯ୍ୟପଦ୍ଧତି ଦୃଷ୍ଟିରୁ ଦଣ୍ଡାଦେଶର ଯେତିକି ଅବଧି ଭୋଗ କରାଯାଇଥାଏ ଏହାକୁ ସେତିକିକୁ ହ୍ରାସ କରାଯାଇଥାଏ, ଆଇନରେ ପରିହାର ଆଦେଶର ଅର୍ଥ କେବଳ ଏହା ଅଟେ ଯେ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ସାବ୍ୟସ୍ତି ଆଦେଶ ଏବଂ ଏହା ଦ୍ୱାରା ପାରିତ ଦଣ୍ଡାଦେଶକୁ ଅପରିବର୍ତ୍ତିତ ରଖି ଅବଶିଷ୍ଟ ଦଣ୍ଡ ଭୋଗିବାର ଆବଶ୍ୟକତା ରହିନଥାଏ । ମାମଲାଟିର ଏହି ଦୃଷ୍ଟିକୋଣରୁ, ଏହି ମାମଲାରେ ପାରିତ ପରିହାର ଆଦେଶର ପ୍ରଭାବ ଦ୍ୱାରା ଯଦିଓ ଆବେଦନକାରୀଙ୍କୁ ତିନି ବର୍ଷର ସମ୍ପୂର୍ଣ୍ଣ କାରାଦଣ୍ଡ ଭୋଗିବା ପୂର୍ବରୁ କାରାଗାରରୁ ମୁକ୍ତ କରିଦିଆଯାଇଥିଲା ଏବଂ ବାସ୍ତବରେ ସେ ମାତ୍ର ଷୋହଳ ମାସ କାରାଦଣ୍ଡ ଭୋଗିଥିଲେ, ଏହା ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦୋଷ ସାବ୍ୟସ୍ତି ଆଦେଶ ଏବଂ ଦଣ୍ଡାଦେଶର ଆଦେଶକୁ କୌଣସି ପ୍ରକାରେ ପ୍ରଭାବିତ କରିନଥିଲା ଯାହା ପୂର୍ବପରି ରହିଥିଲା । ତେଣୁ, ଧାରା 7 (b) ର ସର୍ତ୍ତାବଳୀ ବର୍ତ୍ତମାନର ମାମଲାରେ ପୂରଣ ହେବ ଏବଂ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ଓ ତିନି ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିବାରୁ ଅଯୋଗ୍ୟ ହେବେ, ଯେହେତୁ ସେ ମୁକ୍ତ ହେବା ପର ଠାରୁ ପାଞ୍ଚ ବର୍ଷ ବିତି ନଥିଲା ଏବଂ ଯେହେତୁ ନିର୍ବାଚନ ଆୟୋଗ ତାଙ୍କ ଅଯୋଗ୍ୟତାକୁ ହଟାଇ ନଥିଲେ ।

ବର୍ତ୍ତମାନ ଆମ୍ଭେ କିଛି ମାମଲାଗୁଡ଼ିକୁ ସନ୍ଦର୍ଭକୁ ନେଇ ବିଚାର କରିବୁ ଯାହା ଉପରେ ଆବେଦନକାରୀଙ୍କ ତରଫରୁ ନିର୍ଭରଶୀଳତା ରଖାଯାଇଛି । *ଭେଙ୍କଟେଶ ଯଶଓନ୍ତ ଦେଶପାଣ୍ଡେ*

*1960*

*ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ ବନାମ ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ୱାଞ୍ଚୁ*

*ବନାମ ସମ୍ରାଟ*[1]*)* ମାମଲାରେ ନ୍ୟାୟମୂର୍ତ୍ତି ବୋଷ (ସେବେ ସେ ଯେପରି ଥିଲେ) ପୃଷ୍ଠା ସଂଖ୍ୟା 530 ରେ ନିମ୍ନମତେ ପର୍ଯ୍ୟବେକ୍ଷଣ କରିଥିଲେ:-

"ପରିହାର ଆଦେଶର ପ୍ରଭାବ ହେଉଛି ଦଣ୍ଡାଦେଶର ପରିହୃତ ଅଂଶକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦେବା ଏବଂ କେବଳ ଏହାର କାର୍ଯ୍ୟକାରିତାକୁ ନିଲମ୍ବିତ ରଖିବା ନୁହେଁ; ନିଲମ୍ବନ ପାଇଁ ପୃଥକ ଭାବରେ ବ୍ୟବସ୍ଥା କରାଯାଇଛି । ବାସ୍ତବରେ, ଇଂଲଣ୍ଡରେ କ୍ଷମା କ୍ଷେତ୍ରରେ, ଦଣ୍ଡାଦେଶ ଦ୍ୱାରା ହୋଇଥିବା ବୈଧାନିକ ଏବଂ ଅନ୍ୟାନ୍ୟ ଅଯୋଗ୍ୟତାକୁ ହଟାଇ ଦିଆଯାଏ ଏବଂ କ୍ଷମାପ୍ରାପ୍ତ ବ୍ୟକ୍ତିଙ୍କୁ ଯେଉଁ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ସେହି ସମ୍ବନ୍ଧରେ ତାଙ୍କୁ କୌଣସି ବ୍ୟକ୍ତି ପରେ ବଦନାମ କରିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଜାୟ ରଖିବାରେ ଉକ୍ତ କ୍ଷମାପ୍ରାପ୍ତ ବ୍ୟକ୍ତି ସକ୍ଷମ ହୁଅନ୍ତି । ତାହା ଏଠାରେ ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇନପାରେ, କିନ୍ତୁ ଏକ ପରିହାର ଆଦେଶର ପ୍ରଭାବ ବନ୍ଦୀଙ୍କୁ ତାଙ୍କ ସ୍ୱାଧୀନତାର ଅଧିକାର ନିଶ୍ଚିତ ଭାବେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଦେଇଥାଏ"।

ଏହା ଅନୁରୋଧ କରାଯାଇଛି ଯେ ଯଦି ଏକ ପରିହାର ଆଦେଶର ପ୍ରଭାବ ଦଣ୍ଡାଦେଶର ପରିହୃତ ଅଂଶକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦେଇଥାଏ, ଏହାର ଅର୍ଥ ହେଉଛି ଯେ ଦଣ୍ଡାଦେଶକୁ ପୂର୍ବରୁ ବିତାଇଥିବା ଅବଧିକୁ ହ୍ରାସ କରାଯାଇଛି ଏବଂ ଏକ ଅପିଲୀୟ କିମ୍ବା ପୁନରୀକ୍ଷଣ ନ୍ୟାୟାଳୟଙ୍କ ଆଦେଶର ପ୍ରଭାବ ଯେପରି ଦଣ୍ଡାଦେଶକୁ ପୂର୍ବରୁ ବିତାଇଥିବା ଅବଧିକୁ ହ୍ରାସ କରିଥାଏ, ପରିହାର ଆଦେଶର ପ୍ରଭାବ ମଧ୍ୟ ସେହି ଭଳି ରହିଥାଏ । ତେବେ, ସେହି ମାମଲାଟି ସମ୍ପୂର୍ଣ୍ଣ ଭାବେ ଏକ ଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିଥିଲା, ଯଥା, ଏକ ମଞ୍ଜୁର ଏବଂ କାର୍ଯ୍ୟକାରୀ ହୋଇଥିବା ପରିହାରକୁ ପରେ ବାତିଲ କରାଯାଇପାରିବ କି ନାହିଁ । ଏହି ପରିପ୍ରେକ୍ଷୀରେ ହିଁ ଏହି ପର୍ଯ୍ୟବେକ୍ଷଣମାନ କରାଯାଇଥିଲା । ତଥାପି, ବିଜ୍ଞ ନ୍ୟାୟାଧୀଶ ସତର୍କତାର ସହ ଦର୍ଶାଇଥିଲେ ଯେ ଏକ କ୍ଷମା ଏବଂ ଏକ ପରିହାର ମଧ୍ୟରେ ଏକ ପାର୍ଥକ୍ୟ ରହିଥିଲା ଏବଂ ଏକ ପରିହାର ଆଦେଶର ପ୍ରଭାବ ହେଉଛି ଯେ ଏକ ନିର୍ଦ୍ଦିଷ୍ଟ ତାରିଖରେ ବନ୍ଦୀକୁ ତାଙ୍କ ସ୍ୱାଧୀନତାର ଅଧିକାର ଦେବା । ଏକ ସକ୍ଷମ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶକୁ ପରିବର୍ତ୍ତନ କରିବା ଏବଂ ପରିହାର ଆଦେଶ ହେବା ପରେ ମୁକ୍ତ ହେବା ତାରିଖ ପର୍ଯ୍ୟନ୍ତ ପୂର୍ବରୁ ଭୋଗିଥିବା କାରାଦଣ୍ଡର ଦଣ୍ଡାଦେଶକୁ ବଦଳାଇବା - ପରିହାର ଆଦେଶ ଦ୍ୱାରା ହୋଇଥାଏ ବୋଲି ରହିଥିବା ଦୃଷ୍ଟିକୋଣ ନିମନ୍ତେ ସେହି ମାମଲାଟି ଏକ ଉତ୍ସ ନୁହେଁ ।

[1] A.I.R. 1938 ନାଗପୁର 513.

*1960*

*ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ*

*ବନାମ*

*ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ୱାଞ୍ଚୁ*

ଅନେକ ଗୁଡ଼ିଏ ନିର୍ବାଚନ ମାମଲାକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେଉଁଥିରେ ଆବେଦନକାରୀଙ୍କ ତରଫରୁ ଅନୁରୋଧ କରାଯାଇଥିବା ମତ ଗ୍ରହଣ କରାଯାଇଥିବା ପରି ମନେହୁଏ । ଆମ୍ଭେ ସେଗୁଡ଼ିକ ମଧ୍ୟରୁ କେବଳ ଗୋଟିଏକୁ ସନ୍ଦର୍ଭକୁ ନେଇପାରିବୁ, ଯଥା, *ଗଣ୍ଡା ସିଂହ ବନାମ ସମ୍ପୁରନ୍ ସିଂହ*[1], ଯାହା ଏହି ପ୍ରସଙ୍ଗକୁ ବିଶେଷ ଭାବରେ ସମାଧାନ କରିଛି । ସେହି ମାମଲାରେ, ନାଭା ମହାରାଜାଙ୍କ ଦ୍ୱାରା ଏକ ଆଦେଶ ପାରିତ ହୋଇଥିଲା, ଯେଉଁଥିରେ ପଞ୍ଜାବ ଜନସୁରକ୍ଷା ଅଧିନିୟମ, 1947, ଯାହା ନାଭା ରାଜ୍ୟ ପାଇଁ ପ୍ରଯୁଜ୍ୟ ଥିଲା, ଅନୁଯାୟୀ ଅଟକ ଥିବା କିମ୍ବା ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ରାଜନୈତିକ ବନ୍ଦୀମାନଙ୍କୁ ସାମୂହିକ କ୍ଷମା ମଞ୍ଜୁର କରାଯାଇଥିଲା ଏବଂ ସେମାନଙ୍କୁ ବିନା ସର୍ତ୍ତରେ ମୁକ୍ତ କରାଯାଇଥିଲା । ଉକ୍ତ ଆଦେଶରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରାଜନୈତିକ ଅପରାଧ ବ୍ୟତୀତ ଅନ୍ୟ ଅପରାଧଗୁଡ଼ିକରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ପରିହାର ମଞ୍ଜୁର କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ସେହି ମାମଲାରେ ସଫଳ ପ୍ରାର୍ଥୀଙ୍କୁ ପଞ୍ଜାବ ଜନସୁରକ୍ଷା ଅଧିନିୟମ, ଯାହା ନାଭା ରାଜ୍ୟ ପାଇଁ ପ୍ରଯୁଜ୍ୟ ଥିଲା, ଅନୁଯାୟୀ ଦୁଇ ବର୍ଷରୁ ଅଧିକ ସଶ୍ରମ କାରାଦଣ୍ଡ ଦିଆଯାଇଥିଲା ଏବଂ ଏହିପରି ସେ ଜଣେ ରାଜନୈତିକ ବନ୍ଦୀ ଥିଲେ । ତେଣୁ ସେ ଦୁଇ ବର୍ଷ କାରାଦଣ୍ଡ ଭୋଗିବା ପୂର୍ବରୁ ତାଙ୍କୁ ମୁକ୍ତ କରାଯାଇଥିଲା । ସେହି ମାମଲାରେ ନିର୍ବାଚନୀ ଯାଚିକାର ମୁଖ୍ୟ ବିଷୟ ଥିଲା ଯେ ସଫଳ ପ୍ରାର୍ଥୀଙ୍କୁ ତାଙ୍କ ଦୋଷ ସାବ୍ୟସ୍ତି ଏବଂ ଦଣ୍ଡାଦେଶକୁ ଦୃଷ୍ଟିରେ ରଖି ଅଧିନିୟମର ଧାରା 7 (b) ଅନୁଯାୟୀ ଅଯୋଗ୍ୟ ଘୋଷଣା କରାଯାଇଥିଲା ଏବଂ ନିର୍ବାଚନ ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ଆବେଦନ କିମ୍ବା ପୁନରୀକ୍ଷଣରେ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ଯେପରି ପ୍ରଭାବ ରହିଥାଏ ସେହି ଭଳି ସମାନ ପ୍ରଭାବ ସରକାର (କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ) ଙ୍କ ଦ୍ୱାରା ଦିଆଯାଇଥିବା ପରିହାର ଆଦେଶର ମଧ୍ୟ ରହିଥାଏ ଏବଂ ଅଧିନିୟମର ଧାରା 7 ଅନୁଯାୟୀ, ଜଣେ ବ୍ୟକ୍ତିଙ୍କ ଉପରେ ଲାଗୁ ହୋଇଥିବା ଦଣ୍ଡାଦେଶର ପରିମାଣ ଉପରେ ନ୍ୟାୟାଳୟଙ୍କୁ ଧ୍ୟାନ ଦେବାକୁ ପଡ଼ିଥାଏ ଏବଂ ଆବେଦନ କିମ୍ବା ପୁନରୀକ୍ଷଣରେ ନ୍ୟାୟାଳୟଙ୍କ ଦ୍ୱାରା ଦଣ୍ଡାଦେଶକୁ ହ୍ରାସ କରାଯାଇଥିଲା କିମ୍ବା ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ ସରକାରଙ୍କ ପାଇଁ ସଂରକ୍ଷିତ ଥିବା କ୍ଷମତା ଦ୍ୱାରା ଏହା କରାଯାଇଥିଲା - ଏଥିରେ କୌଣସି ପାର୍ଥକ୍ୟ ନଥିଲା ଯେହେତୁ ଉଭୟ କ୍ଷେତ୍ରରେ ପ୍ରଭାବ ସମାନ ହିଁ ଥିଲା । ଯଦିଓ ବୋଧହୁଏ ସେହି ମାମଲାର ତଥ୍ୟ ଆଧାରରେ ନ୍ୟାୟାଧିକରଣଙ୍କ ଆଦେଶ ସଠିକ୍ ଥିଲା କାରଣ ଏହା ଜଣାପଡ଼େ ଯେ ରାଜନୈତିକ ବନ୍ଦୀମାନଙ୍କୁ ନାଭାର ଶାସକ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ କେବଳ ଏକ ପରିହାର ନୁହେଁ ବରଂ ଏକ କ୍ଷମା

[1] (1953) 3 E.L.R. 17.

1960
ସରତ ଚନ୍ଦ୍ର ରାଭା ଏବଂ ଅନ୍ୟମାନେ
ବନାମ
ଖଗେନ୍ଦ୍ରନାଥ ନାଥ ଏବଂ ଅନ୍ୟମାନେ
ନ୍ୟାୟମୂର୍ତ୍ତି ୱାଞ୍ଚୁ

ଆଦେଶ କରିଥିଲେ, ଆମ୍ଭ ମତରେ ଏହି ଦୃଷ୍ଟିକୋଣ ଠିକ୍ ନୁହେଁ । ଆବେଦନ କିମ୍ବା ପୁନରୀକ୍ଷଣରେ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ପ୍ରଭାବ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପରିହାରର ପ୍ରଭାବ ସହ ସମାନ ବୋଲି ଆମ୍ଭେ ସହମତ ହୋଇପାରୁନାହୁଁ । ଏହା ସତ୍ୟ ଯେ ଅଧିନିୟମର ଧାରା 7 (b) ଅନୁଯାୟୀ, ଲାଗୁ କରାଯାଇଥିବା ଦଣ୍ଡାଦେଶକୁ ଧ୍ୟାନରେ ରଖିବାକୁ ପଡ଼ିବ; କିନ୍ତୁ ଏହା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶ ହେବା ଆବଶ୍ୟକ । ବର୍ତ୍ତମାନ ଯେଉଁଠାରେ ଏକ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶ ଅପିଲୀୟ କିମ୍ବା ପୁନରୀକ୍ଷଣ ନ୍ୟାୟାଳୟଙ୍କ ଦ୍ୱାରା ହ୍ରାସ କରିବା ଦ୍ୱାରା ପରିବର୍ତ୍ତନ ହୋଇଥାଏ, ଚୂଡ଼ାନ୍ତ ଦଣ୍ଡାଦେଶ ପୁନର୍ବାର ଏକ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥାଏ; କିନ୍ତୁ ଯେଉଁଠାରେ ଏକ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 401 ଅନୁଯାୟୀ ଆଂଶିକ ଭାବରେ ପରିହାର କରାଯାଇଥାଏ, ତାହା ଆଇନ ଅନୁଯାୟୀ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ ହ୍ରାସ କରିବାର ପ୍ରଭାବ ସୃଷ୍ଟି କରେ ନାହିଁ, ଯଦିଓ ଫଳସ୍ୱରୂପ ଏହାର ଫଳାଫଳ ଏହା ହୋଇପାରେ ଯେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କାରାବାସ ଅପେକ୍ଷା କମ୍ କାରାବାସ ଭୋଗି ପାରନ୍ତି । ପରିହାର ଆଦେଶ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶର କାର୍ଯ୍ୟକାରିତାକୁ ପ୍ରଭାବିତ କରେ କିନ୍ତୁ ଦଣ୍ଡାଦେଶକୁ ସେପରି ପ୍ରଭାବିତ କରେ ନାହିଁ, ଯାହା ପରିହାର ଆଦେଶ ସତ୍ତ୍ୱେ ଯାହା ଥିଲା ତାହା ରହିଥାଏ । ଏହା ମଧ୍ୟ ମନେ ରଖିବା ଉଚିତ ଯେ ଧାରା 7 (b) ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦୋଷ ସାବ୍ୟସ୍ତି ଏବଂ ଦଣ୍ଡାଦେଶ ବିଷୟରେ କହିଥାଏ; ଏହା ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରକୃତରେ ଭୋଗାଯାଇଥିବା କାରାବାସର ଅବଧି ବିଷୟରେ କହିନଥାଏ । ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା ଆମ୍ଭ ଧ୍ୟାନ ଆକର୍ଷଣ କରାଯାଇଥିବା ଅନ୍ୟ ନିର୍ବାଚନୀ ମାମଲାଗୁଡ଼ିକ ସମାନ ପ୍ରକାରର ଅଟେ ଏବଂ ଆମ୍ଭ ମତରେ ସେହିସବୁ ମାମଲାଗୁଡ଼ିକର ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ ଭାବରେ ହୋଇଥିଲା । ତେଣୁ ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟଙ୍କ ମତ ଠିକ୍ ଥିଲା ଯେ ଆବେଦନକାରୀଙ୍କ ନାମାଙ୍କନ ପତ୍ର ସଠିକ୍ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ପରବର୍ତ୍ତୀ ଯୁକ୍ତି ହେଉଛି ଯେ ଧାରା 123 (5) ସହିତ ପାଠ କରାଯାଇଥିବା ଧାରା 100 (1) (b) ର ଅର୍ଥ ମଧ୍ୟରେ ଏକ ଭ୍ରଷ୍ଟାଚାର ଏହି ମାମଲାରେ ପ୍ରମାଣିତ ହୋଇନଥିଲା ବୋଲି ରାୟ ଦେବାରେ ଉଭୟ ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣ ତ୍ରୁଟି କରିଥିଲେ । ଆବେଦନକାରୀଙ୍କ ମାମଲା ଥିଲା ଯେ କଂଗ୍ରେସ ଦଳ ତରଫରୁ ନିର୍ବାଚନ ପ୍ରଚାର ଦାୟିତ୍ୱରେ ଥିବା ବୀରେନ୍ଦ୍ର କୁମାର ନାଥ ଏବଂ ଧୂପଧାରାର ପ୍ରାଥମିକ କଂଗ୍ରେସ କମିଟିର ସଭାପତି

ଥିବା ଭୋଲାରାମ ସରକାରଙ୍କ ଦ୍ୱାରା ଭୋଟରମାନଙ୍କୁ ଯାନ୍ତ୍ରିକ ଗାଡ଼ିରେ ମତଦାନ କେନ୍ଦ୍ରକୁ ନିଆଯାଇଥିଲା । ଉଭୟ ସଫଳ ପ୍ରାର୍ଥୀ କଂଗ୍ରେସ ଦଳର ପ୍ରତିନିଧି ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ଏବଂ ତେଣୁ ଏହି ଦୁଇ ବ୍ୟକ୍ତି ଯେଉଁମାନେ ଯାନ୍ତ୍ରିକ ଗାଡ଼ିରେ ଭୋଟରମାନଙ୍କୁ ମତଦାନ କେନ୍ଦ୍ରକୁ ନେଇଥିଲେ ସେମାନେ ସଫଳ ପ୍ରାର୍ଥୀଙ୍କ ଏଜେଣ୍ଟ ଭାବରେ ଏବଂ ସେମାନଙ୍କ ସମ୍ମତି ସହିତ ଏପରି କରିଥିଲେ । ଉଚ୍ଚ ନ୍ୟାୟାଳୟ ତଥା ନିର୍ବାଚନ ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ଯଦିଓ ବୀରେନ୍ଦ୍ର କୁମାର ନାଥ ଏବଂ ଭୋଲାରାମ ସରକାରଙ୍କୁ ନିର୍ବାଚନ ଉଦ୍ଦେଶ୍ୟରେ ସଫଳ ପ୍ରାର୍ଥୀଙ୍କ ଏଜେଣ୍ଟ ଭାବରେ ବିବେଚନା କରାଯାଇପାରେ ଏବଂ ଯଦିଓ ମତଦାନ କେନ୍ଦ୍ରକୁ ଭୋଟରମାନଙ୍କୁ ପରିବହନ କରିବା ପାଇଁ ଏଜେଣ୍ଟମାନଙ୍କ ଦ୍ୱାରା ଯାନ୍ତ୍ରିକ ଗାଡ଼ି ଭଡ଼ା କରାଯାଇଥିଲା ବୋଲି ପ୍ରମାଣିତ ହୋଇଥିଲା, ସଫଳ ପ୍ରାର୍ଥୀଙ୍କ ସ୍ପଷ୍ଟ କିମ୍ବା ନିହିତ ସମ୍ମତି ସହିତ ଏହା କରାଯାଇଥିବାର କୌଣସି ପ୍ରମାଣ ନଥିଲା । ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ ଧାରା 100 (1) (b) ର ଉଦ୍ଦେଶ୍ୟ ପାଇଁ ପ୍ରାର୍ଥୀଙ୍କ ସ୍ପଷ୍ଟ କିମ୍ବା ନିହିତ ସମ୍ମତି ରହିବା ଆବଶ୍ୟକ ଥିଲା ଏବଂ ମତ ଦେଇଥିଲେ ଯେ ଏହି ମାମଲାରେ ପ୍ରମାଣିତ ତଥ୍ୟ ଆଧାରରେ ଏପରି ସମ୍ମତି ଅନୁମାନ କରାଯାଇପାରିବ ନାହିଁ ଏବଂ ପ୍ରଶ୍ନରେ ଥିବା ଭ୍ରଷ୍ଟାଚାର ସଫଳ ପ୍ରାର୍ଥୀଙ୍କ ଜ୍ଞାନ ଏବଂ ସମ୍ମତି ସହିତ କରାଯାଇଥିଲା ବୋଲି ପରିସ୍ଥିତି ବିଶ୍ୱାସଯୋଗ୍ୟ ଭାବରେ ଏକ ଅନୁମାନ ଜାତ କରିପାରିନଥିଲା । ଏହି ପ୍ରଶ୍ନ ଉପରେ ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କ ଏହି ସମକାଳୀନ ଅନୁସନ୍ଧାନକୁ ଦୃଷ୍ଟିରେ ରଖି, ଅର୍ଥାତ୍, ଏହି ଭ୍ରଷ୍ଟାଚାର କରିବା ପାଇଁ ସଫଳ ପ୍ରାର୍ଥୀଙ୍କ ସ୍ପଷ୍ଟ କିମ୍ବା ନିହିତ ସମ୍ମତି ଥିଲା କି ନାହିଁ, ଆମ୍ଭ ମତରେ ଆବେଦନକାରୀଙ୍କ ପାଇଁ ବର୍ତ୍ତମାନ ଏହା ଯୁକ୍ତି କରିବା ଉଚିତ ହେବ ଯେ ଧାରା 100 (1) (b) ଦ୍ୱାରା ଆବଶ୍ୟକ ହେଉଥିବା ସ୍ପଷ୍ଟ କିମ୍ବା ନିହିତ ସମ୍ମତି ସେଥିରେ ରହିଥିଲା । ପ୍ରମାଣିତ ହୋଇଥିବା ତଥ୍ୟ ଏବଂ ପରିସ୍ଥିତିରୁ ସମ୍ମତି ଥିଲା କି ନାହିଁ ତାହା ଏପର୍ଯ୍ୟନ୍ତ ଅନ୍ୟ ତଥ୍ୟଗୁଡ଼ିକରୁ ଏବଂ ପରିସ୍ଥିତିରୁ ତଥ୍ୟର ଏକ ଅନୁମାନ ଅଟେ ଏବଂ ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା କରାଯାଇଥିବା ଅନୁରୋଧ ଅନୁଯାୟୀ ଏହା ଏକ ଆଇନଗତ ପ୍ରଶ୍ନ ହୋଇପାରିବ ନାହିଁ । ଏହି ସମ୍ବନ୍ଧରେ *ମୀନାକ୍ଷୀ ମିଲ୍ସ, ମଦୁରାଇ ବନାମ ଆୟକର ଆୟୁକ୍ତ, ମାଡ୍ରାସ* ([1]) ମାମଲାକୁ ଉଲ୍ଲେଖ କରାଯାଇପାରେ, ଯେଉଁଠାରେ ଏହା ବିଚାର କରାଯାଇଥିଲା ଯେ ତଥ୍ୟର ଏକ ସନ୍ଧାନ, ଯଦିଓ ଏହା ପ୍ରମାଣରେ ମିଳୁଥିବା ଅନ୍ୟ ତଥ୍ୟଗୁଡ଼ିକରୁ ଏକ ଅନୁମାନ ଅଟେ, ଏକ ଆଇନଗତ ପ୍ରଶ୍ନ ନୁହେଁ ଏବଂ ଏହିପରି ଏକ ଅନୁମାନ କେବଳ ସେତେବେଳେ ଏକ ଆଇନଗତ ପ୍ରଶ୍ନ ହୋଇପାରେ ଯେତେବେଳେ ନିର୍ଣ୍ଣୟ ପାଇଁ ଥିବା ପ୍ରସଙ୍ଗଟି ଆଇନ ଏବଂ ତଥ୍ୟର ଏକ ମିଶ୍ରିତ

[1] [1956] S.C.R. 691.

ପ୍ରଶ୍ନ ହୋଇଥିବ । ବର୍ତ୍ତମାନ ମାମଲାରେ, ଏକ ମାତ୍ର ପ୍ରଶ୍ନ ହେଉଛି ଯେ ଭ୍ରଷ୍ଟାଚାର ପ୍ରାର୍ଥୀମାନଙ୍କ ସମ୍ମତି ସହ ହୋଇଥିଲା କି ନାହିଁ, ଏହି ସମ୍ମତି ସ୍ପଷ୍ଟ କିମ୍ବା ନିହିତ ହେଉ ନା କାହିଁକି, ଏବଂ ଏହି ସମ୍ମତି ଏହି ମାମଲାର ପରିସ୍ଥିତିରେ ଦିଆଯାଇଥିଲା କି ନାହିଁ ତାହା ଆଇନ ଏବଂ ତଥ୍ୟର ଏକ ମିଶ୍ରିତ ପ୍ରଶ୍ନ ନୁହେଁ, ବରଂ ଏକ ତଥ୍ୟଗତ ପ୍ରଶ୍ନ ଅଟେ ଏବଂ ତେଣୁ ସ୍ପଷ୍ଟ କିମ୍ବା ନିହିତ ସମ୍ମତି ନଥିଲା ବୋଲି ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କ ଦ୍ଵାରା ହୋଇଥିବା ଅନୁସନ୍ଧାନ, ଆମ୍ଭ ମତରେ, ମାମଲାର ପରିସମାପ୍ତି କରୁଛି । ଏହି ପ୍ରସଙ୍ଗରେ ମଧ୍ୟ କୌଣସି ଶକ୍ତି ନାହିଁ ।

ତେଣୁ ଆବେଦନଟି ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ ହୋଇଛି ।

ଆବେଦନକୁ ଖାରଜ କରାଗଲା ।

**<u>ଅସ୍ଵୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।